# ସିଏଟ୍ ସ୍ପେସିଆଲିଟି ଟାୟାର୍ସ ଲିମିଟେଡ୍ ପକ୍ଷରୁ ବଡ଼ବିଲରେ ମାଇନ୍‌ମ୍ୟାକ୍ସ ଉନ୍ମୋଚିତ

**ବଡ଼ବିଲ:** ଟିପର୍ ଟ୍ରକ୍ ବର୍ଗ ପାଇଁ ପ୍ରସ୍ତୁତ କରାଯାଇଥିବା ସ୍ୱତନ୍ତ୍ର ଧରଣର ଟାୟାର ମାଇନ୍‌ମ୍ୟାକ୍ସକୁ ବଡ଼ବିଲରେ ଉନ୍ମୋଚନ କରାଯାଇଥିବା ବିଷୟରେ ସିଏଟ୍ ସ୍ପେସିଆଲିଟି ଟାୟାର ଲିମିଟେଡ୍ ପକ୍ଷରୁ ଘୋଷଣା କରାଯାଇଛି । ଏହି ଷ୍ଟର୍ଡି ବର୍ଗର ଟାୟାରରେ ରହିଛି ଫୋର୍ ବ୍ରେକର୍ ପ୍ଲାଏ ପ୍ରଯୁକ୍ତି ଯାହା ଟାୟାରର ସ୍ଥାୟିତ୍ୱ ବଢ଼ାଇବା ସହିତ ଏହାକୁ ପଂଙ୍କଚର୍ ପ୍ରତିରୋଧୀ କରିପାରିଛି । ଏହା ୧୧.୦୦-୨୦, ୧୨.୦୦-୨୦, ୧୨.୦୦-୨୪ ଭଳି ତିନିଟି ଆକାରରେ ଏହା ଉପଲବ୍ଧ ହେଉଛି ।

ମାଇନ୍‌ମ୍ୟାକ୍ସର ସ୍ୱତନ୍ତ୍ର ଟ୍ରେଡ୍ ଗଠନ ଶୈଳୀ ସୁପରିୟର ଟ୍ରାକ୍ସନ ଓ ଗ୍ରିପ୍ ପ୍ରଦାନ କରିଛୁ ଓ ଏହାର ଉନ୍ନତ କମ୍ପାଉଣ୍ଡ୍ ଗ୍ରିପ୍ ମାଇଲେଜ ଓ ସ୍ଥାୟିତ୍ୱ ବଢ଼ାଇବାରେ ମଧ୍ୟ ସହାୟକ ହେଉଛି ।

ଏହି ଟାୟାର ସମ୍ପର୍କରେ **ଶ୍ରୀଯୁକ୍ତ ବିଜୟ ଗମ୍ଭୀରେ, ଏମ୍‌ଡି, ସିଏଟ ସ୍ପେସିଆଲିଟି ଟାୟାର ଲିମିଟେଡ୍** କହିଛନ୍ତି ଯେ, "**ବଡ଼ବିଲ** ରେ ଆମେ ମାଇନମ୍ୟାକ୍ସ ଟାୟାରର ଉନ୍ମୋଚନ ବିଷୟରେ ଘୋଷଣା କରି ବହୁତ ଆନନ୍ଦିତ ଯାହା ହେଉଛି ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର । ଆମ ଏହି ଟାୟାରକୁ ଭାରତର ବିଭିନ୍ନ ଖଣି ଅଂଚଳ ଯଥା ପଶ୍ଚିମ ବଂଗ, ଝାଡ଼ଖଣ୍ଡ ଓ ଓଡ଼ିଶାରେ ପରୀକ୍ଷା କରିଛୁ ଓ ତାହାର ଫଳାଫଳ ବେଶ ଉତ୍ସାହପ୍ରଦ । ସ୍ୱତନ୍ତ୍ର ଧରଣର ବୈଶିଷ୍ଟ୍ୟ ଓ ଲାଭ ସହିତ, ଆମେ ଦୃଢ଼ ନିଶ୍ଚିତ ଯେ ସୁପରିୟର ମାନର ଟାୟାର ସନ୍ଧାନରେ ଥିବା ଗ୍ରାହକଙ୍କ ପାଇଁ ଏହି ଟାୟାର ପ୍ରଥମ ପସନ୍ଦ ହେବ ।''

ଦେଶର ପ୍ରମୁଖ ବଜାରଗୁଡ଼ିକରେ ସିଏଟ ଡିଲର ଓ ବିତରକଙ୍କ ପାଖରେ ମାଇନମ୍ୟାକ୍ସ ଟାୟାର ଉପଲବ୍ଧ ହେଉଛି । ଅଫ୍ ହାଇୱେ ବ୍ୟବହାର ଯଥା କୃଷି, ନିର୍ମାଣ, ବନ୍ଦର ଓ ଅନ୍ୟାନ୍ୟ ପରଇଁ ସିଏଟ୍‌ର ସ୍ୱତନ୍ତ୍ର ସହଯୋଗୀ ସଂସ୍ଥା ହେଉଛି ସିଏଟ୍ ସ୍ପେସିଆଲିଟି ଟାୟାର୍ସ ଲିମିଟେଡ୍ ।

**ସିଏଟ୍ ସ୍ପେସିଆଲିଟି ଟାୟାର ଲିମିଟେଡ୍ ବିଷୟରେ...**

ଅଫ୍ ହାଇୱେ ବ୍ୟବହାର ଯଥା କୃଷି, ନିର୍ମାଣ, ବନ୍ଦର ଓ ଅନ୍ୟାନ୍ୟ ପରଇଁ ସିଏଟ୍‌ର ସ୍ୱତନ୍ତ୍ର ସହଯୋଗୀ ସଂସ୍ଥା ହେଉଛି ସିଏଟ୍ ସ୍ପେସିଆଲିଟି ଟାୟାର୍ସ ଲିମିଟେଡ୍ । ସିଏଟିଏଲ୍‌ର ଉପସ୍ଥିତି ବର୍ତ୍ତମାନ ସାରା ବିଶ୍ୱର ୮୦+ ସହରରେ ଅଛି ଓ ଏହାର ଏକ ଉତ୍ସର୍ଗୀକୃତ ଆର୍‌ଆଣ୍ଡଡି କେନ୍ଦ୍ର ଗୁଜରାଟର ହାଲୋଲ୍ ଠାରେ ରହିଛି ।